# NATIONAL NEWS BULLETIN (ODIA)
## 30 August - 2024
## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ମୁମ୍ବାଇଠାରେ 'ଗ୍ଲୋବାଲ ଫିନ୍‌ଟେକ୍ ଫେଷ୍ଟ ୨୦୨୪'କୁ ସମ୍ବୋଧିତ କରିବେ l
- ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଏବଂ ପ୍ରଶାନ୍ତ ଦ୍ୱିପପୁଞ୍ଜ ଫୋରମ ସହିତ ମିଳିତଭାବେ କାର୍ଯ୍ୟ କରିବା ଦିଗରେ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଲା ଭାରତ l
- ମହିଳାଙ୍କ ଲାଗି ସୁରକ୍ଷିତ ଏବଂ ଅଧିକ ସମାବେଶୀ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଦିଗରେ କେନ୍ଦ୍ର ସରକାର ଅଙ୍ଗୀକାରବଦ୍ଧ, କହିଲେ ମହିଳା ଓ ଶିଶୁବିକାଶ ମନ୍ତ୍ରୀ
- ଭାରତୀୟ ନୌସେନାରେ ସାମିଲ ହେଲା **ଆଇଏନ୍‌ଏସ୍ ଆରିଘାତ**

ଏବଂ

- ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ମିଳିତ ଭାବେ ରେକର୍ଡ ସୃଷ୍ଟିକଲେ ଭାରତୀୟ ତୀରନ୍ଦାଜ ଶୀତଲ ଦେବୀ ଓ ରାକେଶ କୁମାର l

# ପିଏମ୍-ମହାରାଷ୍ଟ୍ର ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ମୁମ୍ବାଇଠାରେ ‘ଗ୍ଲୋବାଲ ଫିନଟେକ୍ ଫେଷ୍ଟ ୨୦୨୪’କୁ ସମ୍ବୋଧିତ କରିବେ। ମୁମ୍ବାଇର ଜିଓ ବିଶ୍ୱ କନ୍‌ଭେନ୍‌ସନ୍ ସେଣ୍ଟରରେ ଏହି ଫିନ୍‌ଟେକ୍ ଫେଷ୍ଟର ଆୟୋଜନ କରାଯାଇଛି ।

ଅପରାହ୍ଣ ପ୍ରାୟ ସାଢ଼େ ୧ଟାରେ ପ୍ରଧାନମନ୍ତ୍ରୀ ପାଲଘରସ୍ଥିତ ସିଡକୋ ପଡ଼ିଆରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ପାଲଘରଠାରେ ଶ୍ରୀ ମୋଦୀ ବଧଭନ ବନ୍ଦରର ଶିଳାନ୍ୟାସ କରିବେ ।ଏହି ପ୍ରକଳ୍ପ ଲାଗି ୭୬ ହଜାର କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହା ଏକ ବିଶ୍ୱସ୍ତରୀୟ ସାମୁଦ୍ରିକ ପ୍ରବେଶ ପଥ ହେବା ସହ ଦେଶର ବାଣିଜ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ।

ପାଲଘର ଜିଲ୍ଲାର ଦହାନୁ ସହର ନିକଟରେ ଅବସ୍ଥିତ ଏହି ବନ୍ଦର ଭାରତର ସର୍ବବୃହତ ଗଭୀର ଜଳ ବନ୍ଦର ହେବ ଏବଂ ଏହା ଅନ୍ତର୍ଜାତୀୟ ଜାହାଜ ଚଳାଚଳ ମାର୍ଗକୁ ସିଧାସଳଖ ସଂଯୋଗ ପ୍ରଦାନ କରିବା ସହିତ ପରିବହନ ସମୟ ଏବଂ ଖର୍ଚ୍ଚ ହ୍ରାସ କରିବାରେ ସହାୟକ ହେବ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରାୟ ଏକ ହଜାର ୫୬୦ କୋଟି ଟଙ୍କାର ୨୧୮ଟି ମତ୍ସ୍ୟ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ଏହାଫଳରେ  ଏହି କ୍ଷେତ୍ରରେ ପାଞ୍ଚ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି।  ଏଥିସହିତ ପ୍ରଧାନମନ୍ତ୍ରୀ ନ୍ୟାସନାଲ ରୋଲ୍ ଆଉଟ୍ ଅଫ୍ ଭେସେଲ୍ କମ୍ୟୁନିକେସନ୍ ଆଣ୍ଡ୍ ସପୋର୍ଟ ସିଷ୍ଟମ୍'ର ଶୁଭାରମ୍ଭ କରିବେ।  ୩୬୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି ।

# ବିଜେପି-ବୈଠକ

ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀସ୍ଥିତ ଦଳର ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ହରିଆଣା ବିଧାନସଭା ନିର୍ବାଚନ ଲାଗି ଦଳୀୟ ପ୍ରାର୍ଥୀଙ୍କ ତାଲିକା ଚୂଡ଼ାନ୍ତ କରାଯାଇଥିବା ଜଣାଯାଇଛି । ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଦଳର ହରିଆଣା ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ନେତୃବୃନ୍ଦ ଅଂଶ ଗ୍ରହଣ କରିଥିଲେ । ଇତିମଧ୍ୟରେ ବିଜେପିର ହରିଆଣା କୋର କମିଟି ବୈଠକ ମଧ୍ୟ ଗତକାଲି ଅପରାହ୍ନରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି । ଦଳର ଜାତୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡାଙ୍କ ବାସଭବନରେ ଅନୁଷ୍ଠିତ ଏହି

ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ ।

## ଲଜିଷ୍ଟିକ୍ ଯୋଜନା

କୋଇଲା ମନ୍ତ୍ରଣାଳୟ ଦ୍ୱାରା ଲଜିଷ୍ଟିକ୍ ଯୋଜନା ଅଧୀନରେ ୩୮ଟି ପ୍ରାଥମିକ ରେଳ ପ୍ରକଳ୍ପ ଚିହ୍ନଟ କରାଯାଇଛି । ରେଳ ମନ୍ତ୍ରଣାଳୟ ସହିତ ସମନ୍ୱୟ ରକ୍ଷାକରି ଏହି ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବ । ରେଳ ସଂଯୋଗୀକରଣକୁ ସଶକ୍ତ କରିବା, ସମୟ ଅନୁସାରେ କୋଇଲା ଯୋଗାଣ ସୁନିଶ୍ଚିତ କରିବା, ପରିବହନ ଖର୍ଚ୍ଚ ହ୍ରାସ କରିବା ଏବଂ ଦେଶବ୍ୟାପୀ କୋଇଲା ପରିବହନର ସାମଗ୍ରିକ ଦକ୍ଷତା ବୃଦ୍ଧି କରିବା ହେଉଛି ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ କେନ୍ଦ୍ର ସରକାର ଓଡ଼ିଶା ଲାଗି ୨ଟି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ସାର୍ଦ୍ଦେଗା-ଭାଲୁମୁଦା ଡବଲ୍ ଲାଇନ୍ ମାଧ୍ୟମରେ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ ଏବଂ ଅନ୍ୟ ଘରୋଇ ଖଣିରୁ କୋଇଲା ପରିବହନ ସୁଗମ ହୋଇପାରିବ । ସେହିଭଳି ବରଗଡ଼ ରୋଡ- ନୂଆପଡ଼ା ରୋଡ ନୂତନ ସିଙ୍ଗିଲ୍ ଲାଇନ୍ ଦ୍ୱାରା ତାଳଚେର କୋଲ୍‌ଫିଲ୍ଡରୁ କୋଇଲା ପରିବହନ ସହଜ ହୋଇପାରିବ ।

# ଅନ୍ନପୂର୍ଣ୍ଣା ଦେବୀ

ଦେଶରେ ମହିଳାଙ୍କ ଲାଗି ଏକ ସୁରକ୍ଷିତ ଏବଂ ଅଧିକ ସମାବେଶୀ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଦିଗରେ କେନ୍ଦ୍ର ସରକାର ଅଙ୍ଗୀକାରବଦ୍ଧ ବୋଲି ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ମହିଳାଙ୍କ ଲାଗି କାର୍ଯ୍ୟସ୍ଥଳୀକୁ ଅଧିକ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ସି.ବକ୍ସ ପୋର୍ଟାଲ୍‌ର ଶୁଭାରମ୍ଭ କରିବା ଅବସରରେ ସେ ଏହା କହିଛନ୍ତି । ସେ କହିଛନ୍ତି ଏହି ପୋର୍ଟାଲ ମାଧ୍ୟମରେ ମହିଳାମାନେ କାର୍ଯ୍ୟସ୍ଥଳୀରେ ନିର୍ଯାତନ ସଂପର୍କିତ ନିଜର ଅଭିଯୋଗ ସୁରକ୍ଷିତ ଭାବେ ପଞ୍ଜୀକୃତ କରିପାରିବେ । ଏହି ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ମହିଳାଙ୍କର ପରିଚୟ ଗୋପନ ରଖାଯିବ । ପଞ୍ଜୀକୃତ ଅଭିଯୋଗ ଗୁଡ଼ିକ ଉପରେ ସମୟୋଚିତ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# ପିଏମ୍ -ଫରେନ୍ ସର୍ଭିସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଗୌରବମୟ ସଂସ୍କୃତି ଓ ଐତିହ୍ୟକୁ ବିଦେଶରେ ପ୍ରତିଫଳନ କରିବା ଦିଗରେ ଯତ୍ନବାନ ହେବାକୁ ଭାରତୀୟ ବିଦେଶ ସେବାର ଟ୍ରେନି ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଗତକାଲି ନୂଆଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଭାରତୀୟ ବିଦେଶ ସେବାର ୨୦୨୩ ବ୍ୟାଚ୍‌ର ୩୬ ଜଣ ଟ୍ରେନି ଅଧିକାରୀ

ଶ୍ରୀମୋଦୀଙ୍କୁ ଭେଟିବା ଅବସରରେ ସେ ଏହା କହିଛନ୍ତି । ବିଶ୍ୱର ଯେଉଁ ଦେଶରେ ସେମାନଙ୍କୁ ନିଯୁକ୍ତି ଦିଆଯିବ, ଭାରତର ସମ୍ମାନ ବଜାୟ ରଖିବା ସହିତ ସେଠାରେ ଥିବା ପ୍ରବାସୀ ଭାରତୀୟଙ୍କ ସହିତ ସଂପର୍କ ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ଏହି ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ

ପ୍ରଶାନ୍ତ ମହାସାଗର ଅଞ୍ଚଳ ଦେଶ ଏବଂ ପ୍ରଶାନ୍ତ ଦ୍ୱିପପୁଞ୍ଜ ଫୋରମ ସହିତ ମିଳିତଭାବେ କାର୍ଯ୍ୟ କରିବା ଦିଗରେ ଭାରତ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛି । ଗତକାଲି ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା ଟୋଙ୍ଗାଠାରେ ଅନୁଷ୍ଠିତ ପ୍ରଶାନ୍ତ ଦ୍ୱିପପୁଞ୍ଜ ଫୋରମ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି । ସେ କହିଛନ୍ତି ୧୪ଟି ପ୍ରଶାନ୍ତ ମହାସାଗର ଦ୍ୱିପପୁଞ୍ଜ ଦେଶଗୁଡ଼ିକ ଲାଗି ଭାରତ ତ୍ୱରିତ ପ୍ରଭାବଶାଳୀ ପ୍ରକଳ୍ପ କାର୍ଯ୍ୟକାରୀ କରିବ । ପ୍ରତ୍ୟେକ ଦେଶ ଲାଗି ୫୦ ହଜାର ଆମେରିକୀୟ ଡଲାର ମୂଲ୍ୟର ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ । ଏହି ସ୍ୱଳ୍ପମୂଲ୍ୟ ପ୍ରକଳ୍ପଗୁଡ଼ିକୁ ଏଭଳି ଭାବେ ପ୍ରସ୍ତୁତ କରାଯାଇଛି, ଯାହାଦ୍ୱାରା ସଂପୃକ୍ତ ଦେଶର ମୌଳିକ ଢ଼ାଞ୍ଚା ଏବଂ ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିବ । ପ୍ରଶାନ୍ତମହସାଗରୀୟ ଅଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟୟ, ଜଳବାୟୁ ପରିବର୍ତ୍ତନ ତଥା ସମୁଦ୍ର ପତନ ବୃଦ୍ଧି ଯୋଗୁଁ ଦେଖାଦେଇଥିବା ଆହ୍ୱାନ ଗୁଡ଼ିକୁ ମୁକାବିଲା କରିବା ଲାଗି

ମଧ୍ୟ ଭାରତ ଅଙ୍ଗୀକାରବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ମାର୍ଘେରିଟା କହିଛନ୍ତି ।

## ଆରିଘାତ୍

ଅରିହନ୍ତ ଶ୍ରେଣୀର ଦ୍ୱିତୀୟ ବୁଡ଼ାଜାହାଜ **ଆଇଏନ୍‌ଏସ୍ ଆରିଘାତ** କୁ ଗତକାଲି ବିଶାଖାପଟନମ୍‌ଠାରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ଉପସ୍ଥିତିରେ ଭାରତୀୟ ନୌସେନାରେ ସାମିଲ କରାଯାଇଛି । ଏହି ଅବସରରେ ଆୟୋଜିତ ସମାରୋହରେ ଯୋଗଦେଇ ଶ୍ରୀ ସିଂ କହିଛନ୍ତି ଆରିଘାତ ନୌସେନାରେ ସାମିଲ ହେବା ଦ୍ୱାରା ଭାରତର ରଣନୈତିକ ସନ୍ତୁଳନ ପ୍ରତିଷ୍ଠା କରିବାରେ ସହଜ ହେବ । ଦେଶର ପ୍ରତିରକ୍ଷା କ୍ଷେତ୍ରରେ ଏହା ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବା ସହିତ ଆଣବିକ ଶକ୍ତି ବୃଦ୍ଧି କରିବା ଦିଗରେ ଏହା ମଧ୍ୟ ସହାୟକ ହେବ । ପ୍ରତିରକ୍ଷା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଆତ୍ମନିର୍ଭରତା ହାସଲ କରିବା ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଶ୍ରୀ ସିଂ କହିଛନ୍ତି । ଏହି ସଫଳତା ଲାଗି ପ୍ରତିରକ୍ଷାମନ୍ତ୍ରୀ ଭାରତୀୟ ନୌସେନା, ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ ଏବଂ ଏଥିସହିତ ସଂପୃକ୍ତ ସମସ୍ତ ପକ୍ଷଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଟେନିସ୍

ୟୁଏସ୍ ଓପନ୍ ଟେନିସ୍‌ର ପୁରୁଷ ଡବଲ୍‌ସ ବର୍ଗରେ ଭାରତର ରୋହନ ବୋପନ୍ନା ଏବଂ ତାଙ୍କର ଅଷ୍ଟ୍ରେଲିୟ ଯୋଡ଼ି ମାଥ୍ୟୁ ଏବ୍‌ଡେନ୍ ପ୍ରାରମ୍ଭିକ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି । ଏହି ଯୋଡ଼ି ଡଚ୍‌ର ରବିନ ହାସେ ଏବଂ ସାଣ୍ଡର ଆରେଣ୍ଟ୍‌ସଙ୍କ ଯୋଡ଼ିକୁ ୬-୩, ୭-୫ ସେଟ୍‌ରେ ପରାସ୍ତ କରିଛନ୍ତି । ସେହିଭଳି ଏହି ବର୍ଗର ଦ୍ୱିତୀୟ ରାଉଣ୍ଡରେ ଆଜି ବୋପାନ୍ନା ଏବ୍‌ଡେନ୍ ଯୋଡ଼ି ଆର୍.କାର୍ବାଲ୍‌ସ ଏବଂ ଏଫ୍ କୋରିଆଙ୍କ ସହିତ ମୁକାବିଲା ହେବ ।

ଅନ୍ୟପକ୍ଷରେ ରୋହନ୍ନ ବୋପନ୍ନା ମିକ୍ସଡ ଡବଲ୍‌ସ ବର୍ଗରେ ଇଣ୍ଡୋନେସିଆର ଆଲ୍‌ଡିଲା ସୁଜିଆଦିଙ୍କ ସହିତ ଅନ୍ୟ ଏକ ରାଉଣ୍ଡ୍‌ରେ ଅଂଶ ଗ୍ରହଣ କରିବେ ।

ଏହି ଟୁର୍ଣ୍ଣାମେଣ୍ଟ୍‌ର ପୁରୁଷ ଡବଲ୍‌ସ ବର୍ଗରେ ଭାରତର ଏନ୍. ଶ୍ରୀରାମ ବାଲାଜୀ ଓ ୟୁକି ଭାମ୍ବ୍ରୀ ନିଜନିଜ ଯୋଡ଼ିଙ୍କ ସହ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ବାଲାଜୀ ଓ ଆର୍ଜେଣ୍ଟିନାର ଗୁଇଡୋ ଆଣ୍ଡ୍ରୋଜି ଯୋଡ଼ି ନ୍ୟୁଜିଲ୍ୟାଣ୍ଡର ମାର୍କସ୍ ଡାନିଏଲ୍ ଓ ମେକ୍ସିକୋର ମିଗୁଏଲ୍ ରେସ୍ ଭାରେଲା ଯୋଡ଼ିଙ୍କୁ ୫-୭, ୬-୧, ୭-୬ ସେଟ୍‌ରେ ପରାସ୍ତ କରିଛନ୍ତି । ସେହିଭଳି ଭାମ୍ବ୍ରୀ ନିଜର ଫ୍ରେଞ୍ଚ ଯୋଡ଼ି ଆଲ୍‌ବାନୋ ଓଲିଭେଟିଙ୍କ ସହିତ ରିୟାନ୍ ସେଗରମ୍ୟାନ୍ ଏବଂ ପ୍ୟାଟ୍ରିକ୍ ଥ୍ରାକ୍‌ଙ୍କ ଯୋଡ଼ିକୁ ୬-୩, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି ।

ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗିଲ୍ସ ବର୍ଗରେ ବିଶ୍ୱର ଏକନମ୍ବର ଖେଳାଳି ଜାନିକ୍ ସିନର୍ ଆମେରିକାର ଆଲେକ୍ସ ମିକଲ୍ସେନ୍ଙ୍କୁ ୬-୪, ୬-୦, ୬-୨ ସେଟ୍‌ରେ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ମହିଳା ସିଙ୍ଗିଲ୍ ବର୍ଗରେ ବିଶ୍ୱର ଏକନମ୍ବର ଖେଳାଳି ଇଗା ସୁୟାତେକ୍ ଜାପାନର ଇନା ଶିବାରାଙ୍କୁ ୬-୦, ୬-୧ରେ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ।

## ପାରା ଅଲିମ୍ପିକ୍ସ

ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ଭାରତୀୟ ତୀରନ୍ଦାଜ ଶୀତଲ ଦେବୀ ଏବଂ ରାକେଶ କୁମାର ମିଳିତ ଭାବେ ୧୩୯୯ ସ୍କୋର କରି ଏକ ନୂତନ ପାରା ଅଲିମ୍ପିକ୍ ରେକର୍ଡ ସୃଷ୍ଟି କରିଛନ୍ତି । ଏଥିସହିତ ସେମାନେ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଏହି ମ୍ୟାଚ୍ ଆସନ୍ତାମାସ ୨ ତାରିଖରେ ଖେଳାଯିବ ।

ଆଜି ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତାରେ ଭାରତୀୟ ଖେଳାଳିମାନେ ଅଂଶ ଗ୍ରହଣ କରୁଛନ୍ତି । ଆର୍‌ଟୁ ମହିଳା ୧୦ ମିଟର ଏୟାର ରାଇଫଲ୍ ଏସ୍.ଏଚ୍.ଓ୍ୱାନ୍ ପ୍ରତିଯୋଗିତାରେ ଅବନୀ ଲେଖାରା ଏବଂ ମୋନା ଅଗ୍ରଓ୍ୱାଲ ଅଂଶ ଗ୍ରହଣ କରିବେ ।

# ହକି

ମହିଳା ଏସୀୟ ହକି ଚମ୍ପିୟାନ୍‌ସ ଟ୍ରଫି ୨୦୨୪ ଆସନ୍ତା ନଭେମ୍ବର ମାସ ୧୧ ତାରିଖରୁ ଆରମ୍ଭ ହେବ । ହକି ଇଣ୍ଡିଆ ପକ୍ଷରୁ ଏହି ଘୋଷଣା କରାଯାଇଛି । ସୂଚନା ଅନୁଯାୟୀ ହକି  ଇଣ୍ଡିଆ ଏବଂ ବିହାର ସରକାରଙ୍କ ମିଳିତ ଉଦ୍ୟମରେ ଏହି ଚମ୍ପିୟାନ୍ସ ଟ୍ରଫି ରାଜଗିର୍ ହକି ଷ୍ଟାଡିୟମ୍‌ଠାରେ ଖେଳାଯିବ । ଏହା ନଭେମ୍ବର ୨୦ ତାରିଖ ଦିନ ଉଦ୍‌ଯାପନ ହେବ ।